ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

# ଜାତୀୟ ଆଦିବାସୀ ନୃତ୍ୟ ମହୋତ୍ସବ-୨୦୧୯ର ତୃତୀୟ ସାଂସ୍କୃତିକ ସନ୍ଧ୍ୟା

ଭୁବନେଶ୍ୱର, ୦୨/୦୨/୨୦୧୯

ଆଦିବାସୀ ମେଳାର ଅଷ୍ଟମ ଦିବସ ତଥା ଜାତୀୟ ଆଦିବାସୀ ନୃତ୍ୟ ମହୋତ୍ସବର ତୃତୀୟ ସାଂସ୍କୃତିକ ସନ୍ଧ୍ୟାର ପ୍ରଥମ ସ୍ତବକରେ ଛତିଶଗଡ଼ରୁ ଆସିଥିବା ଗଣ୍ଡ ନୃତ୍ୟଶିଳ୍ପୀଗଣ ପାରମ୍ପରିକ ବେଶପୋଷାକରେ ସୁସଜ୍ଜିତ ହୋଇ ମୟୂରପୁଚ୍ଛ ପରିଧାନପୂର୍ବକ କାଠିରେ କାଠି ବାଡ଼େଇ ବାଦ୍ୟର ତାଳେ ତାଳେ ବୃତ୍ତାକାରରେ ଘୂରି ଘୂରି ସଇଲା ନୃତ୍ୟ ପରିବେଷଣ କରିଥିଲେ । ସଇଲା ଛତିଶଗଡ଼ର ଏକ ସୁପ୍ରସିଦ୍ଧ ଲୋକନୃତ୍ୟ । ପରେ ପରେ ପରିବେଷିତ ହୋଇଥିବା ହିମାଚଳ ପ୍ରଦେଶର ସ୍ୱାଙ୍ଗଲା ଜନଜାତିର 'ଯୋରମେଲା' ନୃତ୍ୟ । ସ୍ୱାଙ୍ଗଲା ଜନଜାତିର ଲୋକେ ତିନିଦିନ ଧରି ଏହି ପର୍ବକୁ ଅତ୍ୟନ୍ତ ଆନନ୍ଦ ଉତ୍ସାହରେ ପାଳନ କରନ୍ତି । ସେମାନଙ୍କ ସଭ୍ୟତା, ସଂସ୍କୃତି ଓ ସାଂସ୍କୃତିକ ଜୀବନବୋଧର ଅନନ୍ୟ ପରିଚୟ ଏଇ ଯୋରମେଲା ନୃତ୍ୟ । ସୁଦୂର ନାଗାଲାଣ୍ଡରୁ ଆସିଥିବା ନାଗା ଜନଜାତିଙ୍କ ଦ୍ୱାରା ପରିବେଷିତ ସମର ନୃତ୍ୟ ବେଶ୍ ସୁନ୍ଦର ଓ ଚିତ୍ତାକର୍ଷକ ହୋଇଥିଲା ।

ମଣିପୁରରୁ ଆସିଥିବା ଲିଆଙ୍ଗମାଲ ଜନଜାତିର ନୃତ୍ୟଶିଳ୍ପୀମାନଙ୍କ ଦ୍ୱାରା ପରିବେଷିତ 'ଏକତା ନୃତ୍ୟ' ବାସ୍ତବିକ୍ ଦର୍ଶକମାନଙ୍କ ନିମନ୍ତେ କେବଳ ଉପଭୋଗ୍ୟ ହୋଇନଥିଲା ବରଂ ଅଧିକ ଶିକ୍ଷଣୀୟ ହୋଇଥିଲା । ନୃତ୍ୟଶିଳ୍ପୀଗଣ ଏକାଠି ହାତ ଧରାଧରି ହୋଇ ମିଳିତ ଭାବରେ ବଳ ଓ ପରାକ୍ରମ ପ୍ରଦର୍ଶନ କରିବା ଭିତରେ ମାନବୀୟ ଜୀବନକଳାର ବାସ୍ତବ ଛବି ସ୍ୱତଃ ପ୍ରକଟିତ ହୋଇଥାଏ ।

ତ୍ରିପୁରାର ତ୍ରିପୁରୀ ଜନଜାତିର ମୋସକସୁଲମାନି ନୃତ୍ୟ ଦର୍ଶକମାନଙ୍କୁ ବିମୋହିତ କରିଥିଲା । ମୋସକ ସୁଲମାନି ଏକ ଶିକାର ନୃତ୍ୟ । ଗୁଜୁରାଟରୁ ଆସିଥିବା ଡାଙ୍ଗି ଜନଜାତିମାନଙ୍କ ଦ୍ୱାରା ପରିବେଷିତ 'ଲଗ୍ନା' ନୃତ୍ୟର ଆକର୍ଷଣୀୟ ମନୋମୁଗ୍ଧକର ଶୈଳୀରେ ଦର୍ଶକମହଲ ବିମୋହିତ ହୋଇଥିବାର ଲକ୍ଷ୍ୟ କରାଯାଇଥିଲା ।

ରାଜସ୍ଥାନରୁ ଆସିଥିବା ଗରାସିଆ ଜନଜାତିମାନେ ଗୌର ନୃତ୍ୟ କରିଥିଲେ । 'ଗୌର' ଏକ ଲୋକନୃତ୍ୟ । ନୃତ୍ୟ ପରିବେଷଣ ସମୟରେ ମହିଳାମାନେ ମୁଣ୍ଡ ଉପରେ ମାଟିପାତ୍ର ରଖି ଓ ପୁରୁଷମାନେ ହାତରେ ଖଡ୍‌ଗ ଧାରଣ କରି ବୃତ୍ତାକାରରେ ନୃତ୍ୟ କରିବାର ଶୈଳୀ ଅତିବ ରମଣୀୟ ହୋଇଥିଲା ।

ଜାତୀୟ ଆଦିବାସୀ ନୃତ୍ୟ ମହୋତ୍ସବ-୨୦୧୯ର ଅନ୍ତିମ ଦିବସର ଅନ୍ତିମ ନୃତ୍ୟକୁ ପରିବେଷଣ କରିଥିଲେ ଆସାମରୁ ଆସିଥିବା ତିୱା ଜନଜାତିର ଯୁବକଯୁବତୀମାନେ । ଶୀତୁଆ ସନ୍ଧ୍ୟାରେ ସତେ ଅବା ଋତୁରାଜ ବସନ୍ତର ଆକର୍ଷଣୀୟ ରାଜୁତି କିଛି ସମୟ ପାଇଁ ଆଦିବାସୀ ନୃତ୍ୟପ୍ରେମୀମାନଙ୍କ ମନକୁ ନୃତ୍ୟମୋହରେ ଯେତିକି ମତୁଆଲା କରିଥିଲା, ନୃତ୍ୟରସରେ ସେତିକି ରସାଣିତ କରିଥିଲା । ଡ୍ରମ ଓ ବଂଶୀବାଦନର ସୁନ୍ଦର ସୁଲଳିତ ଧ୍ୱନି ସହିତ ଯୁବକ ଓ ଯୁବତୀମାନଙ୍କ କ୍ଷିପ୍ର ପଦଚାଳନାର ଗତି ଦର୍ଶକମାନଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା ।

ତିୱାମାନଙ୍କ 'ବାରଦାଇ ସିକ୍‌ଲା' ନୃତ୍ୟ ବସନ୍ତ ଋତୁର ପ୍ରତିଫଳନ । ଏହି ନୃତ୍ୟ ଦେଖି ଦର୍ଶକମାନେ ବିମୁଗ୍ଧ ହୋଇଥିଲେ ।

ଡକ୍ଟର ଜ୍ୟୋତିର୍ମୟୀ ସାମନ୍ତରାୟ
ସୂଚନା ଅଧିକାରୀ